ସକାଳ
THE SAKALA
ମୟୂରଭଞ୍ଜ
www.sakalaepaper.com

■ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଗୃହ ନିର୍ମାଣ ଅଚଳାବସ୍ଥା ଦୂର

# ରିଜର୍ଭ ପୁଲିସ୍ ଲାଇନ୍ ନିକଟରେ ହେବ ନିର୍ମାଣ

**ବାରିପଦା, ୨୩।୩ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଅବକାରୀ କାର୍ଯ୍ୟାଳୟ ପ୍ରତିଷ୍ଠା ପାଖରୁ ନିଜସ୍ୱ ଗୃହ ନାହିଁ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଂକୁଚିତ ଗୃହରେ ଦୀର୍ଘ ବର୍ଷ ଧରି ଚାଲିଛି ଜିଲ୍ଲା ଅବକାରୀ କାର୍ଯ୍ୟାଳୟ। ଜଣେ ଅତିରିକ୍ତ ଅବକାରୀ ଅଧୀକ୍ଷକ ଓ ଜଣେ ଇନିସ୍ପେକ୍ଟରଙ୍କ ପାଇଁ ନାହିଁ ସ୍ୱତନ୍ତ୍ର କୋଠରୀ। ଏହି ଅସୁବିଧା ଦୂରପାଇଁ ରାଜ୍ୟ ସରକାର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୩ବର୍ଷ ତଳେ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକ ଅର୍ଥ ମଞ୍ଜୁରୀ କରିଥିଲେ। ଭଞ୍ଜପୁରର ରିଜର୍ଭ ପୁଲିସ କାର୍ଯ୍ୟାଳୟ ନିକଟରେ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଥିଲା। ତେବେ ଜଣେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଉକ୍ତ ସ୍ଥାନରେ ନିର୍ମାଣକୁ ବିରୋଧ କରି ଆଇନର ଆଶ୍ରୟ ନେଇଥିଲେ। ଫଳ ସ୍ୱରୂପ ଅଚଳାବସ୍ଥା ଲାଗି ରହିଥିଲା। ତେବେ ଗତ ସପ୍ତାହରେ ଅଚଳାବସ୍ଥା ଦୂର ହୋଇଛି। ବାରିପଦା ତହସିଲଦାର ଭଞ୍ଜପୁର ମୌଜାର ୦.୦୩୧ ଡିସିମିଲ ଜାଗା ଅବକାରୀ ବିଭାଗକୁ ପ୍ରଦାନ କରିଛନ୍ତି। ତେବେ ୩ ବର୍ଷ ତଳର ନିର୍ମାଣ ଅନୁଦାନ ରାଶି ୧.୪୫ କୋଟି ଟଙ୍କା ପୁନର୍ବାର ବଜାରଦରକୁ ଆଖିରେ ରଖି ପରିବର୍ଦ୍ଧିତ ପରେ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ଶ୍ରୀ ଶ୍ରୀ ହରିବଳଦେବଜୀଉ ଶିଶୁ ମନ୍ଦିରର ବାର୍ଷିକୋତ୍ସବ



**ବାରିପଦା, ୨୩।୩(ସମିସ):** ମଧୁବନଠାରେ ଅବସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ପରିଚାଳନା କମିଟି ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସ୍ନେହଲତା ବେହେରା ମୁଖ୍ୟବକ୍ତା ଓ ବାରିପଦା ଉପନଗରପାଳିକା ସୀମା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ଗୁରୁଜୀ ରାମଚନ୍ଦ୍ର ନାଥ ଶର୍ମା ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରିଚାଳନା କମିଟି ସାଧାରଣ ସମ୍ପାଦକ ଡ଼ା. ଆଦିତ୍ୟ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଗୁରୁଜୀ କରୁଣାମୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀ ମୋନାଲିସା ପୃଷ୍ଟି ୨୦୨୩ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ରାଜ୍ୟରେ ୧୩ତମ ସ୍ଥାନ ପାଇଥିବାରୁ ମୁଖ୍ୟଅତିଥି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସରକାରୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶାଶ୍ୱତୀ ଜେନା, ଫାଲଗୁନି ପ୍ରସାଦ ନାୟକ, ଉମେଶ କୁମାର ସାହୁ ଓ ଜୟପ୍ରକାଶ ମହଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ସର୍ବଗୁଣ ସମ୍ପନ୍ନ ସମ୍ମାନରେ ରାଜା ସାହା ଓ ପ୍ରୀତୀ ବେହେରାଙ୍କୁ, ସର୍ବାଧିକ ଉପସ୍ଥାନ ପାଇଁ ବିରାଜ ସାସ୍ମଲ, ଚାମ୍ପିୟନ ଭାବେ ରାହୁଲ ନାୟକ ଓ ମାମଲି ସିଂଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ପରିଚାଳନା କମିଟିର ମେମ୍ବର ବିଚିତ୍ରା ପାଲ, ପ୍ରମୋଦ କୁମାର ପାଣିଗ୍ରାହୀ ଓ ଏକାଦଶୀ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ଦୋଳଯାତ୍ରା ଆରମ୍ଭ

# ସବୁ ଦିଅଁଙ୍କ ସହିତ ବିମାନରେ କଲେ ପରିକ୍ରମା

ବାରିପଦା, ୨୩।୩(ସମିସ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ଦୋଳ ପୂର୍ଣ୍ଣିମା ନେଇ ରୀତିନୀତି ଆରମ୍ଭ ହୋଇଯାଇଛି। ଫାଲଗୁନ ଶୁକ୍ଳପକ୍ଷ ଦଶମୀଠାରୁ ଚୈତ୍ର କୃଷ୍ଣପକ୍ଷ ପ୍ରତିପଦା ପର୍ଯ୍ୟନ୍ତ ଏଠାରେ ଦୋଳଯାତ୍ରା ହୋଇଥାଏ। ତଦନୁଯାୟୀ ୧୯ ତାରିଖରୁ ଏହା ଆରମ୍ଭ ହୋଇ ଆଗାମୀ ୨୫ ତାରିଖ ସୋମବାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଫଗୁ ମେଳଣ ଅନୁଷ୍ଠିତ ହେବ। ସେହିପରି ୨୬ ତାରିଖ ଦ୍ୱିପ୍ରହର ପରେ ଯମୁନା ସ୍ନାନ ହୋଇ

**● ଆଜି ମଧୁବନରେ ଅଗ୍ନି ଉତ୍ସବ**

ଦୋଳଯାତ୍ରା ପର୍ବ ସମାପନ ହେବ ବୋଲି ମନ୍ଦିର ପରିଚ୍ଛା କହିଛନ୍ତି। ଗତ ମଙ୍ଗଳବାର ଦଶମୀ ସନ୍ଧ୍ୟାରେ ପରମ୍ପରା ଅନୁଯାୟୀ ସନ୍ଧ୍ୟା ଧୂପ ହୋଇ ପୂଜାପଣ୍ଡାଙ୍କ ଦ୍ୱାରା ଫଗୁ ଶୋଧନ ପରେ ପରିଚ୍ଛାଙ୍କ ଦ୍ୱାରା ରତ୍ନ ସିଂହାସନରେ ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା, ସୁଦର୍ଶନ, ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ନିକଟରେ ଫଗୁ ଓ ବକୁମ ପାଣି (ଅଭିର, ଚୁଆଚେଲ ଓ ଅଗୁର ମିଶ୍ରିତ) ଲାଗି ହେବା ପରେ ବେଢ଼ାରେ ଥିବା ଦେବାଦେବୀଙ୍କ ପୀଠରେ ଫଗୁଲାଗି କରାଯାଇଥିଲା। ବୁଧବାର ଏକାଦଶୀଠାରୁ ଶନିବାର





ପର୍ଯ୍ୟନ୍ତ ସନ୍ଧ୍ୟାଧୂପ ପରେ ପର୍ଯ୍ୟାୟ କ୍ରମେ କାଳିକା ଠାକୁରାଣୀ, ଟାଉନ ଥାନା, ଶ୍ରୀ ସତ୍ୟନାରାୟଣ ମନ୍ଦିର ଓ ଶୀତଳା ଠାକୁରାଣୀଙ୍କ ସମ୍ମୁଖରେ ମହାପ୍ରଭୁମାନଙ୍କ ଦୋଳମେଲଣ ଅନୁଷ୍ଠିତ ହୋଇଛି। ରବିବାର ଠା' ନୀତି ପରେ ମହାପ୍ରଭୁମାନଙ୍କ ମଧୁବନଠାରେ ଅଭିରା ଅଗ୍ନି ଉତ୍ସବ ପୂଜାନୀତି ସହ ବିମାନରେ ତିନି ଠାକୁର ପୂଜା ପାଇବା ପରେ ବଡ଼ବଜାର ପୁରୁଣା ରାଜବାଟୀ ସମ୍ମୁଖରେ ମହାପ୍ରଭୁମାନଙ୍କ ଦୋଳମେଲଣ ହେବ। ସୋମବାର ଦୋଳ ପୂର୍ଣ୍ଣିମା ଦିନ ରାତି ଠା' ପରେ ପହଣ୍ଡିରେ ମହାପ୍ରଭୁ ମଦନମୋହନ, ଭୂଦେବୀ, ଶ୍ରୀଦେବୀ ମନ୍ଦିର ବେଢ଼ା ପରିକ୍ରମା କରିବା ପରେ ଦୋଳମଣ୍ଡପକୁ ଯାଇ ସେଠାରେ ତିନିଥର ପରିକ୍ରମା ସାରି ଝୁଲଣ ଦୋଳ ମଣ୍ଡପଠାରେ ବିରାଜମାନ ହେବେ। ସେଠାରେ ପାଣି ହୋଲି ଖେଳ ଓ ପୂଜାନୀତି ସଂକୀର୍ତ୍ତନ ମଣ୍ଡଳୀ ସହ ହୋଇ ଠାକୁର ବିମାନରେ ଶ୍ରୀରାଧାମୋହନ ମନ୍ଦିରର ନାଟ ମନ୍ଦିରରେ ପହଞ୍ଚିବେ। ପରେ ସେଠାରେ ଶ୍ରୀରାଧାମୋହନ, ସାନଶ୍ରୀଜଗନ୍ନାଥ ଓ ବଡ଼ଶ୍ରୀଜଗନ୍ନାଥଙ୍କ ମିଳନ ହୋଇ ପାଣିଖେଳ ଅନୁଷ୍ଠିତ ହେବ। ପରେ ପାଟ ଜ୍ୟୋତିଷଙ୍କ ଦ୍ୱାରା ପଞ୍ଜିକା ପଠନ ହେବ। ମଙ୍ଗଳବାର ମଧ୍ୟାହ୍ନ ପଣା ଠା' ନୀତି ପରେ ମହାପ୍ରଭୁ ବିମାନରେ ରଥ ପଡ଼ିଆରେ ରାଧାମୋହନ ଠାକୁରଙ୍କ ସହ ମିଳିତ ହୋଇ ପାଣିହୋଲି ଖେଳି ଯମୁନା ଘାଟରେ ସ୍ନାନ କରିବା ପରେ ପୂଜାପାଠ ନୀତି ସମ୍ପନ୍ନ ହେବା ସହ ଦୋଳଯାତ୍ରା ନୀତି ସମ୍ପନ୍ନ ହେବ।

# କାର୍ଯ୍ୟରେ ଯୋଗଦେଲେ ୧୭୮ ପଞ୍ଚାୟତ ନିର୍ବାହୀ ଅଧିକାରୀ

**ବାରିପଦା, ୨୩।୩(ସମିସ):** ନିର୍ବାଚନ ଆଚରଣବିଧି ଲାଗୁ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ପାଇଁ ନିଯୁକ୍ତି ପାଇଥିବା ୧୭୮ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ଯ୍ୟରେ ଯୋଗଦେଇଛନ୍ତି। ଜିଲ୍ଲାର ମୋଟ ୪୦୪ଟି ପଞ୍ଚାୟତ ପାଇଁ ୧୮୨ଜଣ ନିର୍ବାହୀ ଅଧିକାରୀ କାର୍ଯ୍ୟ କରୁଥିଲେ। ନିଜ ପଞ୍ଚାୟତ ସହିତ ଖାଲିଥିବା ୨୨୨ଟି ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ମଧ୍ୟ ସେମାନେ ତୁଲାଉଥିଲେ। ଫଳରେ ଜଣେଜଣେ ୨/୩ଟି ପଞ୍ଚାୟତ ଦାୟିତ୍ୱରେ ଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। 'ନବୀନ ଓଡ଼ିଶା ଓ ଆମ ଓଡ଼ିଶା' ଯୋଜନାରେ ସବୁ ପଞ୍ଚାୟତକୁ ୫୦ହଜାର ଲେଖାଏଁ ଅନୁଦାନ ଆସିଥିଲେ ହେଁ ସଫଳ ରୂପାୟନ ବିଳମ୍ବିତ ହେଉଥିଲା। ସେହିପରି ଗ୍ରାମାଞ୍ଚଳରେ ବିକାଶ ତ୍ୱରାନ୍ୱିତରେ ବାଧା ଦେଖାଦେଉଥିଲା ; ପରନ୍ତୁ ୧୭୮ଜଣଙ୍କ ନିଯୁକ୍ତି ପରେ ସେମାନେ ନିଜନିଜ ପଞ୍ଚାୟତରେ ଯୋଗଦେଇଛନ୍ତି। ବର୍ତ୍ତମାନ ଜିଲ୍ଲାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସଂଖ୍ୟା ୩୬୦ ପହଞ୍ଚି ଥିବାବେଳେ ଆହୁରି ୪୪ଟି ପଦବୀ ଖାଲି ରହିଛି। ଅପରପକ୍ଷରେ ନିକଟରେ ୨୯୫ଜଣ ଗ୍ରାମରୋଜଗାର ସେବକ ଆକାଉଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦବୀକୁ ପଦୋନ୍ନତି ଦିଆଯିବା ପରେଅଦଳବଦଳକରାଯାଇଛି।ନିର୍ବାଚନପ୍ରକ୍ରିୟା ସରିବା ପରେ ଆଉ ୫ଜଣ ପଦୋନ୍ନତି ପାଇବେ। ଏଣୁ ପଞ୍ଚାୟତରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବର୍ତ୍ତମାନ ଅସୁବିଧା ଦୂର ହୋଇଛି।

## ବଳଦକୁ ଧକ୍କାଦେଇ ବାଇକ୍ ଚାଳକ ଗୁରୁତର

**ବେତନଟୀ, ୨୩।୩(ସମିସ):** ୧୮ନଂ ଜାତୀୟରାଜପଥ ଛୁରୁଣୀଛକ ନିକଟରେ ଶୁକ୍ରବାର ଅପରାହ୍ନରେ ବଦଳଦକୁ ଧକ୍କାଦେଇ ଦ୍ରୁତଗାମୀ ବାଇକ୍ ଚୁରମାର ହେବା ଘଟଣାରେ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ବାଇକଚାଳକ ଜଣକ ହେଉଛନ୍ତି ହାତୀଝୁରି ଉପକଣ୍ଠ ବଗଲପୁର-ଶାଳବଣି ଗ୍ରାମର କରାନ ମୁର୍ମୁର ପୁଅ ବିକ୍ରମ ମୁର୍ମୁ(୨୪)। ଗୁରୁତର ବିକ୍ରମଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନା ନିଆଯାଇଥିବା ବେଳେ ଖବରପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ନିଜ ହେପାଜତକୁ ନେଇଛି।

## ଆଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଜାମଦା, ୨୩।୩(ସମିସ):** ଜାମଦା ବ୍ଲକ ତାରଣା ଆଶ୍ରମ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜ ନିଜ ଅନୁଭୂତି ବ୍ୟକ୍ତକରି ଥିଲେ। ବିଦ୍ୟାଳୟରୁ ଶିକ୍ଷା ଲାଭ କରିଥିବା ସମସ୍ତ ଗୁଣାବଳୀକୁ ଅକ୍ଷରେଅକ୍ଷରେ ପାଳନ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଶିକ୍ଷକମାନେ ନିଜ ବକ୍ତବ୍ୟରେ ସୁନାଗରିକ ହେବାର ଉପଦେଶ ଦେଇଥିଲେ। ସହକାରୀ ଶିକ୍ଷକ ବିଜୟ କୁମାର ସିଂ, ଦୀପକ କୁମାର କାନ୍ତ, ବନାଉ ହାଁସଦା, ଶଙ୍କର ସାର, ମେଟ୍ରନ କର୍ମୀ ହେମ୍ବ୍ରମ, ଚମ୍ପା ଟୁଡୁ, ପୟ ମର୍ଣ୍ଡି, ମାୟା ମୁର୍ମୁ ସହଯୋଗ କରିଥିଲେ।

## ବିଶ୍ୱ ଜଳ ଦିବସ ପାଳିତ

**ବାରିପଦା, ୨୩।୩(ସମିସ):** ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସଭାପତିତ୍ୱ କରି ବିଶ୍ୱ ଜଳ ଦିବସ ପାଳନର ତାତ୍ପର୍ଯ୍ୟ, ସାମ୍ପ୍ରତିକ ସମୟରେ ଜଳ ସଂରକ୍ଷଣର ବ୍ୟାପକ ଆବଶ୍ୟକତା ସର୍ବୋପରି ଜଳ ପ୍ରଦୂଷଣକୁ



କିପରି ରୋକାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀ ଲକ୍ଷ୍ମୀପ୍ରିୟା ହାବୋଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରି, ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରତାପ ଚନ୍ଦ୍ର ଧଡ଼ା ଓ ଅନିଶା ବେହେରା ପ୍ରମୁଖ ଜଳର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୁଷ୍ପାଞ୍ଜଳି ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଦ୍ୱିତୀୟ ପର୍ଯ୍ୟାୟରେ ୪୧ଟି ରୁଟ୍‌ରେ ଚାଲିଲା ଲକ୍ଷ୍ମୀ ବସ୍

# ଉପକୃତ ହେବେ ୩୮୬ଟି ପଞ୍ଚାୟତର ୨୪.୨୦ ଲକ୍ଷ ଲୋକ



**ବାରିପଦା, ୨୩।୩(ସମିସ):** ଗତିଶୀଳ ଓଡ଼ିଶା ପ୍ରଗତିଶୀଳ ଓଡ଼ିଶା ପାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଲକ୍ଷ୍ମୀ ବସ ଯୋଜନା ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳରେ ବିକାଶର ସମୃଦ୍ଧି ସାଜିଛି। ଗତ ଫେବୃଆରୀ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ଼ରେ ଏହି ବସ ସେବାକୁ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଗମନାଗମନ ସୁଗମ ହେବା ସହିତ ଲୋକମାନେ ନିଜର କାର୍ଯ୍ୟସ୍ଥଳୀ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହ ଯୋଡ଼ି ହୋଇପାରୁଛନ୍ତି। ବିଶେଷ କରି ମହିଳାମାନେ ଏହି ବସ୍ ସେବା ମାଧ୍ୟମରେ ବେଶ୍ ଉପକୃତ ହେଉଛନ୍ତି। ମାତ୍ର ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ ବସ୍‌ରେ ଯାତ୍ରା କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ୩୮୬ଟି ପଞ୍ଚାୟତରେ ୧୦୭ଟି ବସ୍ ଚଳାଚଳ କରିବ; ଯଦ୍ୱାରା ୨୪ଲକ୍ଷ ୨୦ହଜାର ଲୋକ ସୁଗମ ଯାତ୍ରାର ସୁବିଧା ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ୬୨ଟି ରୁଟରେ ଲକ୍ଷ୍ମୀ ବସ ଚଳାଚଳ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବାକି ୪୧ଟି ରୁଟରେ ଏହି ସେବା ଆରମ୍ଭ ହୋଇଛି। ସେହିପରି ଜିଲ୍ଲାର ୪ଟି ଉପଖଣ୍ଡର ବ୍ଲକ ସଦର ମହକୁମାରୁ ଜିଲ୍ଲା ମୁଖ୍ୟାଳୟକୁ ଆଉ ୪ଟି ଲକ୍ଷ୍ମୀ ବସ ଚଳାଚଳ କରିବ। ଫଳରେ ଜିଲ୍ଲାବାସୀଙ୍କ ସାମାଜିକ ଓ ଆର୍ଥିକ ଜୀବନକୁ ମଜଭୁତ କରିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା କହିଛନ୍ତି। କିଛି ରୁଟରେ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ମଧ୍ୟ ଆରମ୍ଭ ହେବ; ଯାହାକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ସହାୟକ ହେବ। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକଟ ମୂଲ୍ୟ ଅଧା ରଖାଯାଇଛି। ଲକ୍ଷ୍ମୀ ଯୋଜନା ଆମ ଜୀବନକୁ ସହଜ କରିବା ସହ ଗାଁର ଗମନାଗମନ ସେବାକୁ ରୂପାନ୍ତର ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି।

## ମହୁଲଡିହାରେ ଅଷ୍ଟପ୍ରହରୀ ନାମଯଜ୍ଞ



**ମହୁଲଡିହା, ୨୩।୩ (ସମିସ):** ଠାକୁରମୁଣ୍ଡା ବ୍ଲକ ଅଧିନ ମହୁଲଡିହାରେ ଶ୍ରୀ ଶ୍ରୀ ନିତାଇ ଗୌରଙ୍କ ୫ମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେଉଛି। ଶାସ୍ତ୍ରମତାନୁଯାୟୀ ଅଙ୍କୁରାରୋପଣ କରି ବିଶ୍ୱେଶର ମନ୍ଦିରର ପୂଜକ ଦୈତାରୀ ପତିଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇ ୨୪ ତାରିଖରେ ନଗର ଭ୍ରମଣ କରି ସମାରୋପ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଖୁଦିଶିଳା, ବାଲିଘାଟ, କୋଇଲି ପାଳ ବାଗଦଫା ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଛନ୍ତି। ମହୁଲଡିହା ଗ୍ରାମର ସତ୍ୟବାନ ନାଏକ ନିଜ ପରିବାର ତଥା ସମସ୍ତଙ୍କ କଲ୍ୟାଣ ପାଇଁ ନାମଯଜ୍ଞର ଆୟୋଜନ କରିଛନ୍ତି। ସତ୍ୟବାନଙ୍କ ପରିବାର ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

# ନିର୍ବାଚନ ନେଇ ରାଜନୈତିକ ଦଳ ସହ ଜିଲ୍ଲାପାଳଙ୍କ ବୈଠକ

ବାରିପଦା, ୨୩।୩(ସମିସ)

ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟାଳୟଠାରେ ବିଭିନ୍ନ ରାଜନୈତିକ ଦଳ ସହିତ ଶନିବାର ଏକ ବୈଠକ

**● ସକାଳ ୭ରୁ ସନ୍ଧ୍ୟା ୬ ଯାଏ ଚାଲିବ ମତଦାନ**

ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମତଦାନ ଚାଲିବ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଦେ କହିଥିଲେ। ଆଦର୍ଶ ଆଚରଣ ସଂହିତା ଲାଗୁ ହେଇଥିବା ବେଳେ ଏହାକୁ କଡାକଡି ପାଳନ କରିବା ପାଇଁ ଜିଲ୍ଲାପାଳ ରାଜନୈତିକ ଦଳଗୁଡିକର ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଯେଉଁ ସ୍ଥାନରେ ପୋଷ୍ଟର ଏବଂ ବ୍ୟାନରରେ କଳା ରଙ୍ଗ ଲଗାଯାଇଛି ସେ ସବୁକୁ ଧଳା ରଙ୍ଗ ଲଗାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ



ସମ୍ପୂର୍ଣ୍ଣ କରିବା ପାଇଁ ପୁଲିସ ବଳ ସୁରକ୍ଷା ପାଇଁ ଏସ୍‌ପିଙ୍କୁ ମଧ୍ୟ ଅବଗତ କରାଇଥିଲେ। ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଏହାବ୍ୟତୀତ ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ମତଦାନ ବୁଥରେ ମହିଳା କର୍ମଚାରୀଙ୍କ ପାଇଁ ଉତ୍ତମ ବ୍ୟବସ୍ଥା, ସମସ୍ତ କର୍ମଚାରୀ ଏବଂ ମତଦାନ କାର୍ଯ୍ୟରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ମଧ୍ୟ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳଗୁଡିକର ପ୍ରତିନିଧିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଦୁର୍ଗାଚରଣ ମୁର୍ମୁ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ମିଳିମିଳାରେ ଆଶ୍ରମ ସ୍କୁଲର ୪ ଅନ୍ତେବାସୀ ଆକ୍ରାନ୍ତ

**ବୈଶିଙ୍ଗା, ୨୩।୩(ସମିସ):** ବେତନଟୀ ବ୍ଲକ ବୈଶିଙ୍ଗାଥାନା ଅଧୀନ ରାଇକମା ଆଶ୍ରମସ୍କୁଲର ୪ଜଣ ଅନ୍ତେବାସୀ ମିଳିମିଳା ଆକ୍ରାନ୍ତ ହୋଇଥିବା ନେଇ ଚିହ୍ନଟ କରାଯାଇଛି। ବେତନଟୀ ବ୍ଲକରେ ମିଳିମିଳା ସଂକ୍ରମଣ ବଢ଼ି ଚାଲିଥିବାବେଳେ ପ୍ରାୟ ଦେଢଶହରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇସାରିଲେଣି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସମସ୍ତ ପ୍ରକାର ତତ୍ପରତା ପ୍ରକାଶ ପାଇଥିବା ବେଳେ ରକ୍ତ ଏବଂ କଫ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରରୁ ଏକ ରାଜ୍ୟସ୍ତରୀୟ ବିଶେଷଜ୍ଞଦଳ ମଧ୍ୟ ସରଜମିନ ତଦନ୍ତ ପୂର୍ବକ ସ୍ଥିତି ସମୀକ୍ଷାକରି ଫେରିଛନ୍ତି। ଏନେଇ ପୁରା ସ୍ୱାସ୍ଥ୍ୟବିଭାଗ ଚିନ୍ତିତ ଥିବାବେଳେ ଶୁକ୍ରବାର ରାଇକମା ଆଶ୍ରମସ୍କୁଲର ୪ଜଣ ଅନ୍ତେବାସୀଙ୍କ ନିକଟରେ ମିଳିମିଳା ଚିହ୍ନଟ କରାଯାଇଛି। ଖବରପାଇ ଡାକ୍ତରୀଦଳ ସଙ୍ଗେସଙ୍ଗେ ସ୍କୁଲରେ ପହଞ୍ଚି ଆବଶ୍ୟକ ଚିକିତ୍ସା ଯୋଗାଇଦେବା ସହିତ ଆକ୍ରାନ୍ତଙ୍କ ମଧ୍ୟରେ ଥିବା ୩ଜ ଣ ଛାତ୍ର ଏବଂ ଜଣେ ଛାତ୍ରୀ ରହିଛନ୍ତି। ଆକ୍ରାନ୍ତଙ୍କୁ ଏକାନ୍ତବାସରେ ରହିବାକୁ ପରାମର୍ଶ ଦିଆଯାଇଛି।



## କାମରେ ଆସୁନି ୫୮ ଲକ୍ଷ ଟଙ୍କାରେ ନିର୍ମିତ ଛାତ୍ରୀନିବାସ

# ଘରୋଇ ମେସ୍‌ରେ ରହୁଛନ୍ତି ଅନ୍ତେବାସୀ

ମୋରଡ଼ା, ୨୩।୩(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରଡା ମହାବିଦ୍ୟାଳୟରେ ପାଖାପାଖି ୧୧୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେଥିରୁ ୬୦୦ ଛାତ୍ରୀ ପଢୁଛନ୍ତି; କିନ୍ତୁ ଦୁଃଖର ବିଷୟ ଯେ, ଛାତ୍ରୀନିବାସ ନିର୍ମାଣ କାମ ସରିବା ପରେ ବି ତାହା ପିଲାଙ୍କ କାମରେ ଲାଗୁନାହିଁ। ଫଳରେ ଛାତ୍ରୀମାନେ ଏକ ଘରୋଇ ମେସ୍‌ରେ ଭଡାଦେଇ ରହୁଛନ୍ତି। ସୂଚନା ମୁତାବକ, ୨୦୦୮ ମସିହାରେ ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନଙ୍କ କାର୍ଯ୍ୟକାଳ ସମୟରେ ଛାତ୍ରୀନିବାସ ଆରମ୍ଭ କରାଯାଇଥିଲା। ୪୦ଶଯ୍ୟା ବିଶିଷ୍ଟ ଏହି ଛାତ୍ରୀନିବାସର ନିର୍ମାଣ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ତରଫରୁ ୪୨ ଲକ୍ଷ ଟଙ୍କା ମିଳିଥିଲା; ହେଲେ ଠିକାଦାର ଜଣକ ଅଧିକ ଅର୍ଥ ଖର୍ଚ୍ଚ ହେବ ଭାବି କାମ ଛାଡି ପଳାଇଥିଲା। ଫଳରେ ଦୀର୍ଘଦିନ ଧରି କାମ ବନ୍ଦ ରହିବା ପରେ ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତା ସମୟରେ ଇଓଜିସ ଇନଚାର୍ଜ ଭାବରେ ରସାୟନ ବିଭାଗର ଅଧ୍ୟାପକ କାମଦେବ ପାଠୀ କଲେଜ ଉନ୍ନୟନ ଫଣ୍ଡରୁ ୧୬ଲକ୍ଷ ଟଙ୍କା ଖର୍ଚ୍ଚ କରି ୧୧ ବର୍ଷ ପରେ ଛାତ୍ରୀନିବାସକୁ ସମ୍ପୂର୍ଣ୍ଣ କରିଥିଲେ। ସେହି ସମୟରେ ଅଧ୍ୟକ୍ଷ ଥିବା ଶ୍ରୀ ଜେନାଙ୍କ ଅବସର ଗ୍ରହଣ କରିଥିଲେ। ଫଳରେ ହଷ୍ଟେଲଟି କାର୍ଯ୍ୟକ୍ଷମ ହୋଇପାରିନଥିଲା। ଇତିମଧ୍ୟରେ ତିନି ଜଣ ଅଧ୍ୟକ୍ଷଙ୍କ ବଦଳି ହେଲାଣି; କିନ୍ତୁ ଛାତ୍ରୀନିବାସ ଆରମ୍ଭ ହୋଇପାରିନାହିଁ। ଏହି ଛାତ୍ରୀନିବାସରେ ୧୩ଟି ବେଡ୍‌ରୁମ, କିଚେନ, ଷ୍ଟୋର ରୁମ, ୱାର୍ଡୱେନ ରୁମ, ଭିଜିଟରରୁମ, ରୋଷେୟା ରୁମ ରହିଛି; କିନ୍ତୁ ଛାତ୍ରୀନିବାସଟି ବ୍ୟବହାର ନହେବା ଫଳରେ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ଛାତରୁ ପାଣି ଖସୁଛି ତ କିଛି ଝରକା କଳଙ୍କି ଲାଗି ମାଟିରେ ମିଶିବାକୁ ବସିଲାଣି। ତେବେ ଘରୋଇ ମେସ୍ ମାଲିକଙ୍କ ସହିତ ମିଶି ସହିତ ମିଶି କଲେଜ କର୍ତ୍ତୃପକ୍ଷ ଲାଭବାନ ହେଉଥିବା ବେଳେ ସମ୍ପୂର୍ଣ୍ଣ ଥିବା ଜିନିଷକୁ କାମରେ ଲଗାଯାଉନାହିଁ ବୋଲି ପୂର୍ବତନ ଚିତ୍ରଡା ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଶୁଭକୁମାର ମହାନ୍ତ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ବର୍ତ୍ତମାନ କାର୍ଯ୍ୟରତ ଥିବା ଅଧ୍ୟକ୍ଷ ନରେନ୍ଦ୍ର ଦାସଙ୍କ ପ୍ରତିକ୍ରିୟା ନେବାରୁ ଶ୍ରୀ ମହାନ୍ତି ଯାହା ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ସେ ଗତବର୍ଷ ଅଗଷ୍ଟ ୨୬ରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ଯଥାଶୀଘ୍ର କଲେଜ ମଧ୍ୟରେ ପାଚେରି ନିର୍ମାଣ କରି ଚଳିତ ବର୍ଷରୁ ପିଲାମାନଙ୍କୁ ଛାତ୍ରୀନିବାସରେ ରହିବାର ସୁଯୋଗ ଦିଆଯିବ ବୋଲି କହିଛନ୍ତି।



## ଜୟନ୍ତୀରେ ବୀର ସହିଦ ରଘୁନାଥ ମାହାତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବଡସାହି, ୨୩।୩(ସମିସ): ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ଲଢେଇ କରି ୧୮୭୮ ମସିହା ଏପ୍ରିଲ ୫ ତାରିଖରେ ସହିଦ ହୋଇଥିଲେ ଜଳ, ଜଙ୍ଗଲ, ଜମି, ଆପନା ଗାଓଁ ଆପନା ରାଜ, ଦୂର ଭାଗ ବ୍ରିଟିଶ ରାଜ, ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ବୀର ସହିଦ ରଘୁନାଥ ମାହାତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରେ ମାର୍ଚ୍ଚ ୨୧ ତାରିଖ କୁଡୁମୀ ସେନା ଓ କୁଡୁମୀ ସମାଜ ବେଙ୍ଗଲ ଦ୍ୱାରା ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଅଞ୍ଚଳରୁ ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏଥିରେ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ଖେମାଶୁଳିଠାରେ ପହଞ୍ଚିବା ପରେ ବୀର ସହିଦ ରଘୁନାଥ ମାହାତଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। କୁଡୁମୀ ସମାଜ ବେଙ୍ଗଲର ସଭାପତି ରାଜେଶ ମାହାତ ସଭାପତିତ୍ୱ କରିଥିଲେ। ଏଥିରେ କୁଡୁମୀ ସେନାର ବିଭିନ୍ନ କର୍ମକର୍ତ୍ତା ଓ କୁଡୁମୀ ଯୁବ ସେନା, କୁଡୁମୀ ମହିଳା ସେନା, କୁଡୁମୀ ଛାତ୍ର ସେନା, ମୁଖ୍ୟ କାର୍ଯ୍ୟକର୍ତ୍ତା ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ, ମହେଶ୍ୱର ମହାନ୍ତ, ଆସାରମହାନ୍ତ, ବରୁଣକୁମାରମହାନ୍ତ ଏବଂ ବେଙ୍ଗଲ କୁଡୁମୀ ସମାଜର କୌଶିକ ମାହାତ, ବୀରେନ ମାହାତ, ଶିବାଜୀ ମାହାତ, ସୁଶିଲ ମାହାତ, ତାପସ ମାହାତ, ଦୟାଲ ମାହାତ, କୁଡୁମୀ ମହିଳା ସମାଜର ସଭାନେତ୍ରୀ ତାପସୀ ମାହାତ ପ୍ରମୁଖ ଯୋଗଦେଇଥିଲେ।

## ରାସ୍ତାରେ ବିରାଟ ଖାଲ; ଯାତାୟାତ ବାଧାପ୍ରାପ୍ତ



ଖୁଣ୍ଟିଂ, ୨୩।୩(ସମିସ): ଶୁକୃଳି ବ୍ଲକ ଉତ୍ତରପୋଷି ଛକରୁ ଗାଁକୁ ଯାଇଥିବା ରାସ୍ତାରେ ଜଳ ନିଷ୍କାସନ ପାଇଁ ଏକ କଲଭର୍ଟ ନିର୍ମାଣ ହୋଇଛି; ହେଲେ ନିର୍ମାଣଜନିତ ତ୍ରୁଟି ଫଳରେ ସେଠାରେ ଗୋଟିଏ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ତେଣୁ ଏବେ ଏହି ଗର୍ତ୍ତ ଦୁର୍ଘଟଣା ଘଟାଇବାରା ଆଶଙ୍କା ରହିଛି। ପ୍ରତ୍ୟେକ ମଙ୍ଗଳବାର ଏଠାରେ ସାପ୍ତାହିକ ହାଟ ବସୁଥିବାରୁ ଶହ ଶହ ଲୋକେ ଏହି ରାସ୍ତାଦେଇ ଯାତାୟାତ କରିଥାନ୍ତି। ସ୍ଥାନୀୟ ଜନ ପ୍ରତିନିଧି ରାସ୍ତାର ଏହି ଦୁରାବସ୍ଥା ସମ୍ପର୍କରେ ସଚେତନ ଥାଇ ବି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଗଣ୍ଡଗୋଳ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବେତନଟୀ, ୨୩।୩(ସମିସ):୨୦୨୧ ମସିହା ମାର୍ଚ୍ଚ ୧୧ତାରିଖ ଦିନ ଭୀମଦା ଉପକଣ୍ଠ ଟିକାୟତପୁର ଗ୍ରାମରେ ଘଟିଯାଇଥିବା ଏକ ମାରପିଟ, ଗଣ୍ଡଗୋଳ ଘଟଣାର ବିଚାରକରି ବେତନଟୀ ଜେଏମ୍ଏଫସି କୋର୍ଟର ମାନ୍ୟବର ବିଚାରପତି ଏ. ଅବିନାଶ ନାଇଡୁ ରାୟ ପ୍ରକାଶ କରିବା ସହିତ ଅଭିଯୁକ୍ତ ହୃଷିକେଶ ମହାଲିକକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏତଲାକାରୀ ଗୌରୀଶଙ୍କର ମହାଲିକଙ୍କ ଅଭିଯୋଗ ମୁତାବକ ପଞ୍ଚାୟତରେ ହେବାକୁଥିବା ସରକାରୀ ଆବାସଗୃହ ବାବଦରେ ଆଲୋଚନା ପାଇଁ ତତ୍କାଳୀନ ସରପଞ୍ଚ ମଞ୍ଜୁ ସିଂଙ୍କ ଟିକାୟତପୁରସ୍ଥିତ ବାସଭବନକୁ ଯାଇ ଆଲୋଚନା କରୁଥିଲେ। ସେହି ସମୟରେ ମୁଦାଲା ହୃଷିକେଶ ମହାଲିକ ଗାଳିଗୁଲଜ କରି ସରପଞ୍ଚଙ୍କୁ ଆକ୍ରମଣ କରିଥିଲା। ସେଠାରେ ଉପସ୍ଥିତ ସରପଞ୍ଚଙ୍କ ସ୍ୱାମୀ ଶୁକଦେବ ସିଂ ଏହାର ବିରୋଧ କରିବାରୁ ସେ ମଧ୍ୟ ଆକ୍ରମଣର ଶୀକାର ହୋଇଥିବା ନେଇ ଏତଲାରେ ଦର୍ଶା ।ଇଛନ୍ତି। ଏନେଇ ସେତେବେଳେ ବଡସାହି ପୁଲି ବିଭିନ୍ନ ଦଫାରେ ୫୫ ନମ୍ବରରେ ମାମଲା ରୁଜୁକରିଥିବା ବେଳେ ଏହା ମାନ୍ୟବରଙ୍କ ଅଦାଲତରେ ବିଚାରାଧୀନ ରହିଥିଲା। ମାମଲା ସହିତ ଜଡିତ ୮ ଜଣ ସାକ୍ଷୀଙ୍କ ବୟାନ ଏବଂ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ମାନ୍ୟବର ବିଚାରପତି ଏ. ଅବିନାଶ ନାଇଡୁ ମୁଦାଲା ହୃଷିକେଶ ମହାଲିକକୁ ନିର୍ଦ୍ଦୋଷରେ ଖଲ୍ଲାସ କରିଛନ୍ତି। ମୁଦାଲା ପକ୍ଷରୁ ଆଇନଜୀବୀ ଦେବବ୍ରତ ପରିଡ଼ା ଏବଂ ରଣଜିତ ଗନ୍ତାୟତ ମାମଲା ପରିଚାଳନା କରୁଥିଲେ।

## ବ୍ଲକରେ ଅଧିକାରୀ ପଦ ଖାଲି; ଉନ୍ନୟନ କାମ ଠପ୍

ବଡ଼ସାହି, ୨୩।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ସର୍ବବୃହତ ବ୍ଲକ ହେଉଛି ବଡସାହି। ଏହି ବ୍ଲକ ଅଧୀନରେ ରହିଛି ୩୦ଟି ପଞ୍ଚାୟତ; ମାତ୍ର ଏହି ବ୍ଲକରେ ନିଅଣ୍ଟିଆ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଅଚଳାବସ୍ଥା ଲାଗି ରହିଛି। ଫଳରେ ବିଭିନ୍ନ ପ୍ରକାର ଅଫିସ କାର୍ଯ୍ୟ ପ୍ରଭାବିତ ହେବା ସହିତ ଆଗାମୀ ନିର୍ବାଚନ କାର୍ଯ୍ୟକ୍ରମ କିପରି ସୁପରିଚାଳନା ହେବ ସେ ନେଇ ଆଶଙ୍କା ଦେଖାଦେଇଛି। ଗତ କିଛିଦିନ ତଳେ ବଡ଼ସାହି ବ୍ଲକରେ ଥିବା ବିଡିଓ ଆକାଶ ପଣ୍ଡାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ବିଡିଓଭାବେ ବନଜା ଦାସ ଯୋଗ ଦେଇଛନ୍ତି। ସେହିପରି ଜିପିଓଙ୍କ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ପିଏ ଅବିନାଶ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ପଣ୍ଡା କାର୍ଯ୍ୟରେ ଯୋଗଦେଇ ୨ ଦିନ ତଳେ ନିର୍ବାଚନ ସମ୍ପର୍କିତ ତାଲିମ ଗ୍ରହଣ କରିବାକୁ ଯାଇଛନ୍ତି। ଏହା ସହିତ ଏବିଡିଓ ଶରତ ଚନ୍ଦ୍ର ମହାନ୍ତିଙ୍କୁ ବଡ଼ସାହି ସହିତ ଉଦଳା ବ୍ଲକର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ବଡ଼ସାହି ବ୍ଲକର ଉନ୍ନୟନ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଗତ ୭ ତାରିଖରେ ସେକ୍‌ସନ ଅଫିସର ଭାବେ ଦିଲ୍ଲୀପ କୁମାର ପାତ୍ର କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ଏବେ ପୁଣି ତାଙ୍କର ମଧ୍ୟ ବଦଳି ହୋଇଛି। ତାଙ୍କୁ ତୁରନ୍ତ ରିଲିଫ କରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚାପ ପକାଯାଉଛି। ଏହାବାଦ ୨ଟି ବରିଷ୍ଠ କିରାଣୀ ପଦ ମଧ୍ୟରୁ ଗୋଟିଏ ଖାଲି ପଡ଼ିଛି। ତେଣୁ ବ୍ଲକର ବିଡିଓ ନୂଆ ହୋଇଥିବା ବେଳେ ଜିପିଓ ଦାୟିତ୍ୱ ବହନ କରିଥିବା ପିଏ ଶ୍ରୀ ପଣ୍ଡା କର୍ମଚାରୀ ଅଭାବକୁ ନେଇ ନିର୍ବାଚନ ପରିଚାଳନା କିପରି କରିବେ ଏହାକୁ ନେଇ ପ୍ରଶ୍ନ ଉଠୁଛି। ଏପରିସ୍ଥଳେ ସେକସନ ଅଫିସରଙ୍କୁ ବଦଳି ନ କରିବାକୁ ବ୍ଲକ ଅଧ୍ୟକ୍ଷା ମିନତି ସିଂ ଓ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିହାରୀ ସମ୍ପ୍ରଦାୟ ପକ୍ଷରୁ 'ହୋଲି ମିଳନ' ସମାରୋହ

ବହଳଦା, ୨୩।୩(ସମିସ): ବହଳଦା ବିହାରୀ ସମାଜ ପକ୍ଷରୁ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ପଡ଼ିଆରେ ରଙ୍ଗର ଉତ୍ସବ ହୋଲିକୁ ସ୍ୱାଗତ ଜଣାଇ 'ହୋଲି ମିଳନ ସମାରୋହ' ଆୟୋଜିତ ହୋଇଥିଲା। ଏହି ଅବସରରେ ଏଠାରେ ରହୁଥିବା ସମସ୍ତ ହିନ୍ଦୀଭାଷା ଭାଷୀ ଲୋକ ସମେତ ବହୁ ସ୍ଥାନୀୟ ଲୋକ ଯୋଗଦେଇଥିଲେ। ପରସ୍ପର ମଧ୍ୟରେ ରଙ୍ଗ, ଫଗୁ ବୋଳି ହୋଲି ଶୁଭେଚ୍ଛା ଜଣାଇଥିଲେ। ପରେ ଜାମସେଦପୁରର ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜକଙ୍କ ତରଫରୁ ସମସ୍ତଙ୍କ ପାଇଁ ଏକ ଭୋଜିର ବ୍ୟବସ୍ଥା ହୋଇଥିଲା। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଦର୍ଶକ ଏହାକୁ ଖୁବ ଉପଭୋଗ କରିଥିଲେ। ସଂଗଠନର କର୍ମକର୍ତ୍ତା ପ୍ରଦୀପ ସାହୁ, ସନ୍ତୋଷ ସାହୁ (ଲିଣ୍ଟୁ), ବୀରେନ୍ଦ୍ରେ ଶର୍ମା, ଶଙ୍କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଓଡ଼ିଆ ଭାଷା ସାହିତ୍ୟ ଆଲୋଚନାଚକ୍ର

ବହସାହି, ୨୩।୩(ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଓଡିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'କବିତା ପ୍ରାଚୀନରୁ ଆଧୁନିକ' ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସଞ୍ଜୟ କୁମାର ଜେନା ଅତିଥି ପରିଚୟ ଦେବା ସହିତ ଆଲୋଚନ ଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଦୀପକକୁମାର ରାଉତ ଅତିଥି ଭାବେ ଯୋଗଦେଇ ପ୍ରାଚୀନରୁ ଆଧୁନିକ ମଧ୍ୟରେ ଓଡିଆ କବିତାର ଧାରା, ବୈଶିଷ୍ଟ୍ୟ, ବିବିଧତାକୁ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ମାଧ୍ୟମରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଫକୀରଚରଣ ସାହୁ ଓ ଅଧ୍ୟାପିକା ଡ. ରିତୁଲତା ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଡିଆ ବିଭାଗର ଛାତ୍ର ଦେବାଶିଷ, ଛାତ୍ରୀ ସଞ୍ଜୀବନୀ ସମିୱାରା ଓ ତପସ୍ୱିନୀ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକ ରିତୁଲତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ କବିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡିଆ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଇଂରାଜୀ ବିଦ୍ୟାଳୟର ୧୩ତମ ବାର୍ଷିକୋତ୍ସବ



ରାଇରଙ୍ଗପୁର, ୨୩।୩(ସମିସ): ରାଇରଙ୍ଗପୁର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୩ ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେବା ନିବୃତ୍ତ ପୁଲିସ ପ୍ରଶାସକ ତଥା ଯୁବ ସମାଜସେବୀ ରାଇସେନ ମୁର୍ମୁ, ମୁଖ୍ୟ ବକ୍ତା ଗୋରୁମହିଷାଣୀ ଯୁକ୍ତ ୨ କଲେଜର ଓଡ଼ିଆ ଅଧ୍ୟାପକ ଡଃ ଦିଗମ୍ବର ଗିରି, ଅନୁଷ୍ଠାନର ଅଧ୍ୟକ୍ଷ ବ୍ରଜକିଶୋର ସେଠୀ, ଅନ୍ୟତମ ଅତିଥି ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ପରୀକ୍ଷା, କାଉନସିଲର ଶୁକଦେବ ବେହେରା, ଯୁବ ସାମାଜିକ କର୍ମୀ ପଙ୍କଜ ସିଂ, ସଞ୍ଜୟ ଗିରି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଶିକ୍ଷକ, ଅଭିଭାବକ ଏବଂ ବିଦ୍ୟାର୍ଥୀଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ବିଦ୍ୟାର୍ଥୀମାନେ ଆଗକୁ ବଢ଼ି ପାରିବେ ଏବଂ କଠିନ ପରିଶ୍ରମ, ଗୁରୁଭକ୍ତି ହିଁ ବିଦ୍ୟାର୍ଥୀମାନଙ୍କ ଶୃଙ୍ଖଳିତ ଜୀବନ ସହ ଜୀବନରେ ସଫଳ ସୋପାନରେ ପହଞ୍ଚିବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଇରଙ୍ଗପୁର, ୨୩।୩(ସମିସ): ମୟୂରଭଞ୍ଜ-୨ କଂଗ୍ରେସ ତରଫରୁ ଦୁର୍ଗାମଣ୍ଡପ ଛକ ନିକଟରେ ଏକ ଦଳୀୟ କାର୍ଯ୍ୟାଳୟ ଜିଲ୍ଲା ସଭାପତି ଭୁବନ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସଦସ୍ୟ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, କଂଗ୍ରେସ ନେତା ଅନନ୍ତ ଖୁଣ୍ଟିଆ, ଟାଉନ ସଭାପତି ଅଶୋକ ଅଗ୍ରୱାଲ, ବସନ୍ତ ପଟ୍ଟନାୟକ, ଏସ୍ଟି ସେଲ ଜିଲ୍ଲା ସଭାପତି ଭାଗିରଥି ପାତ୍ର, ଯାମଦା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷା ହେଲେନା ବାଗେ, ଆଡଭୋକେଟ ବିଶ୍ୱନାଥ ଦାସ, ସବ୍ୟସାଚୀ ଖୁଣ୍ଟିଆ, ରୂପକ ମହାନ୍ତି, ନୀଳିମା ପ୍ରିୟଦର୍ଶିନୀ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ନିର୍ବାଚନରେ ସମସ୍ତ କଂଗ୍ରେସ କର୍ମୀ ଏକାଠି ହୋଇ ରାହୁଲ ଗାନ୍ଧୀ ଏବଂ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶମାନି ଶୃଙ୍ଖଳିତ ଭାବେ ଲଢ଼ିବେ ଓ ଲୋକଙ୍କ ସହ ରହିଲେ ବିଜୟ ସୁନିଶ୍ଚିତ ହେବ ବୋଲି ଶ୍ରୀ ସାହୁ କହିଥିଲେ।

● ମାନେଜମିରା ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କୁ ମିଳିନି ପ୍ରାପ୍ୟ

## କେନାଲ କାମ ବନ୍ଦ କଲେ ଗ୍ରାମବାସୀ



କୁଳିଅଣା, ୨୩।୩(ସମିସ): କୁଳିଅଣା ବ୍ଲକ ଚାନ୍ଦୁଆ ଥାନା ଅନ୍ତର୍ଗତ ସରଗଛିଡା ପଞ୍ଚାୟତ କାଳାଦାମ ଗ୍ରାମର ଗ୍ରାମବାସୀ ମାନେଜମିରା ଜଳସେଚନ ପ୍ରକଳ୍ପ ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବିସ୍ଥାପିତଙ୍କୁ ଆଜିଯାଏ ସମସ୍ତ ପ୍ରାପ୍ୟ ପାଇନାହାନ୍ତି। ସରକାରଙ୍କ ବିସ୍ଥାପିତ ନିୟମ ଅନୁଯାୟୀ ସେମାନେ ସମସ୍ତ ପ୍ରାପ୍ୟ ପାଇ ନ ଥିବାରୁ ତାଙ୍କ ଗ୍ରାମ ଦେଇ ଯାଉଥିବା ସୁବର୍ଣ୍ଣ ରେଖା କେନାଲ କାମକୁ ଗ୍ରାମବାସୀ ବନ୍ଦ କରିଥିଲେ। ବିସ୍ଥାପିତଙ୍କ ପ୍ରାପ୍ୟ, ଆସବାବପତ୍ର ପରିବହନ ଖର୍ଚ୍ଚ, ଭରଣ ପୋଷଣ ଭତ୍ତା, ଫଳନ୍ତି ପଛର କ୍ଷତିପୂରଣ, ନୂତନ ଜାଗାରେ ଅସ୍ଥାୟୀ ଗୃହ ନିର୍ମାଣ ପାଇଁ ସହାୟତା ଆଦି ଦାବି ରହିଛି। ଏ ନେଇ ଲିଖିତ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ଓ ଚାନ୍ଦୁଆ। ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଆଲୋଚନା ପରେ ବି ଗ୍ରାମବାସୀ ରାଜି ନ ହେବାରୁ ଅଧିକାରୀମାନେ ଲିଖିତ ଆକାରରେ ଦେବାକୁ ସହମତି ପ୍ରକାଶ କରିଥିଲେ। ସମସ୍ୟାଗୁଡିକର ତଦନ୍ତ କରାଯାଇ ଆସନ୍ତା ୭ ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ଲିଖିତ ଭାବେ ଦେଇଥିଲେ। କାଳାଦାମ ଗ୍ରାମର ବାବୁଲାଲ ସୋରେନ୍, ରାମଚନ୍ଦ୍ର ସୋରେନ୍, ସାକିଲା ସୋରେନ୍, ଦେବଲତା ସୋରେନ, କୁନୁରାମ ସୋରେନ ପ୍ରମୁଖ ବହୁ ଗ୍ରାମବାସୀ ଏ ନେଇ ଅଭିଯୋଗ କରିଛନ୍ତି।

## ଷୋହଳ ପ୍ରହରୀ ନାମ ସଂକୀର୍ତ୍ତନ

ରାଇରଙ୍ଗପୁର, ୨୩।୩(ସମିସ): ପୁରୁଣାଘାଟୀ ଗ୍ରାମର ବହୁ ପୁରାତନ ରାଧେ ରାଧେ ସଂକୀର୍ତ୍ତନ କମିଟି ଆନୁକୂଲ୍ୟରେ ତ୍ରିଦିବସୀୟ ଷୋହଳ ପ୍ରହରୀ ନାମ ସଂକୀର୍ତ୍ତନ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ପ୍ରସିଦ୍ଧ ନାମ ସଂକୀର୍ତ୍ତନ ଦଳ ଝାଡଖଣ୍ଡ, ସାନଚାଟରା, ଝାରପୋଖରିଆ, ବମ୍ବେ ଛକ, ବାରୁସାହି, ଶୁଣ୍ଢଳ, ଧଳାଡିହି ପ୍ରମୁଖ ଯୋଗଦେଇଥିଲେ। କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦ, ଖିଚୁଡି, ଖଇରୀ, ମାଲପା ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ସେଠୀ, ଗୌତମ ସେଠୀ, କାର୍ତ୍ତିକେଶ୍ୱର ସାହୁ, ମାନସ ଦାସ, ଜିତୁ ଦାସ, ବନ୍ଧନ ବଳ, ମଣ୍ଟି ବଳ, ଟୁଟୁ ବଳ, କମଳ ବଳ, ଶୁଭୁ ବଳ ପ୍ରମୁଖ ସହଯୋଗ କରିଥିଲେ।

## ଉଦଳା ରୋଟାରୀ କ୍ଲବ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ

# ଚାରୁଶିଳ୍ପୀ ବିଜୟ କମିଲା ଓ ସାହିତ୍ୟିକ ଭାସ୍କର ବାରିକ ସମ୍ବର୍ଦ୍ଧିତ

ଉଦଳା, ୨୩।୩(ସମିସ): ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତିଙ୍କ ଅଫିସିଆଲ କ୍ଲବ ପରିଦର୍ଶନ କାର୍ଯ୍ୟକ୍ରମ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ସନ୍ଧାନ ଗୃହରେ ଗତ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ଭାରତଜ୍ୟୋତି ଭିନ୍ନକ୍ଷମ ବିଦ୍ୟାଳୟ ଅନ୍ତେବାସୀଙ୍କୁ ଅନ୍ନପୂର୍ଣ୍ଣା ରୋଷେଇ ଯୋଜନାରେ ଖାଦ୍ୟ ବଣ୍ଟନ କରାଯାଇଥିଲା। ନିଜେ କରିବେ ସେ ବିଷୟରେ ଉପଦେଶ ଦେଇଥିଲେ। ପରେ ସେ ଜଣେ ସୂକ୍ଷ୍ମ ଚାରୁକଳା କାରିଗର ବିଜୟ କୁମାର କମିଲାଙ୍କ ସ୍ୱହସ୍ତ ପ୍ରସ୍ତୁତ ନଡ଼ିଆ ଖୋଳପାରେ ବିଭିନ୍ନ ପ୍ରକାର ବସ୍ତୁ ଯଥା ଦେବୀ ଦେବତାଙ୍କ ବିଗ୍ରହ, ପଶୁ, ପକ୍ଷୀ ଓ ଚନ୍ଦ୍ରଯାନର ଅନୁରୂପ ପଟ୍ଟଚିତ୍ର ଆଦି ଦେଖି ପ୍ରଶଂସା କରିଥିଲେ। ପରେ ସେ ସନ୍ଧାନ ଗୃହ ବୈଠକ କକ୍ଷରେ କ୍ଲବ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଲୋକଙ୍କୁ ଯୋଗାଇବା ଓ ଅଧିକ ସଂଖ୍ୟକ ନୂତନ ସଦସ୍ୟ ସଂଗ୍ରହ କରିବା ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ ସଦ୍ୟସା ଭାବେ ରାଜଲକ୍ଷ୍ମୀ ମହାନ୍ତି ଓ ଅଞ୍ଜଳି ମହାନ୍ତିଙ୍କୁ ରୋଟାରୀ ପିନ ଦେଇ ସ୍ୱାଗତ କରିଥିଲେ। ସେହିପରି ରୋଟାରିଆନ ଅଶୋକ କୁମାର ମହାନ୍ତି, ପ୍ରହ୍ଲାଦ ଦାସ, ମନୋରଞ୍ଜନ ପାଢ଼ୀ, ସୁଶାନ୍ତ ପଟ୍ଟନାୟକଙ୍କୁ ମଧ୍ୟ ପିନ ଓ





ଅପରାହ୍ନରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତଅବସରରେ ମାଗଣା ରକ୍ତ ପରୀକ୍ଷା ତଥା ନିଃଶୁଳ୍କ ଔଷଧ ବିତରଣ କରାଯାଇଥିଲା। ଏହାକୁ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ଼ା ଲକ୍ଷ୍ମୀକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ପରିଚାଳନା କରାଯାଇଥିଲା। ଡ଼ା: ପ୍ରଣବ ପ୍ରିୟଦର୍ଶିନୀ ବେହେରା ଓ ଡ଼ା ସାନ୍ତାନୁ ଜେନାଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭିନ୍ନକ୍ଷମମାନେ ସମାଜରେ ଅବହେଳିତ ନ ହେଇ ଏକ ସକ୍ଷମ ଓ ରୋଜଗାରକ୍ଷମ ବ୍ୟକ୍ତି କରାଇବାରେ ବିଭିନ୍ନ ଅନୁଷ୍ଠାନଗୁଡିକ ସାହାଯ୍ୟର ହାତ ବଢ଼ାଇଛନ୍ତି। ଜିଲ୍ଲା ଗଭର୍ଣ୍ଣର ଶ୍ରୀମତୀ ମହାନ୍ତି ପିଲାମାନଙ୍କ ସହ ବହୁତ ସମୟ କଟାଇ ସେମାନେ କିପରି ନିଜର କାମ ଏହାପରେ କ୍ଲବ୍ ସଭାପତି ମନୋରଞ୍ଜନ ପାଢ଼ୀଙ୍କ ଦ୍ୱାରା ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସେ ରୋଟାରୀ କ୍ଲବର ବହୁବିଧ ଉନ୍ନୟନମୂଳକ କାର୍ଯ୍ୟ, ଯଥା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ, ପୋଲିଓ ନିର୍ମୂଳ ଅଭିଯାନ, ସାଇବର୍ କ୍ରାଇମ୍ ସଚେତନତା ଅଭିଯାନ, ଫାଇଲେରିଆ ଦୂରୀକରଣ ଅଭିଯାନ, ଅଙ୍ଗଦାନ ପଞ୍ଜୀକରଣ ଓ ପ୍ରୋତ୍ସାହନ ବ୍ୟବସ୍ଥା, ସ୍ଥାନୀୟ ତାରିଣୀ ମନ୍ଦିରରେ ସ୍ୱଚ୍ଛ ତଥା ଶୀତଳ ପାନୀୟ ଜଳର ବ୍ୟବସ୍ଥା, ମଧୁମେହ ରୋଗର ମାଗଣା ଚିକିତ୍ସା ଓ ନିଃଶୁଳ୍କ ଔଷଧ ବିତରଣ ଆଦି ଉପରେ ସେ ଆଲୋକପାତ କରିଥିଲେ। ସମ୍ପାଦକ ସୁଶାନ୍ତ ପଟ୍ଟନାୟକ ଜନକଲ୍ୟାଣ ସାହାଯ୍ୟ ସାଧାରଣ ଓ ବିଶେଷ କରି ସମାଜରେ ଅବହେଳିତ, ନିଃସ୍ୱ, ଦରିଦ୍ର ସାର୍ଟିଫିକେଟ ଦେଇ ରୋଟାରୀ ଆନ୍ତର୍ଜାତିକ ପଲ ହରିଶ କ୍ଲବର ସଦ୍ୟସ ରୂପେ ଗ୍ରହଣ କରିଥିଲେ। ଏହି ଅବସରରେ ଚାରୁ ଶିଳ୍ପୀ ବିଜୟ କମିଲା ଓ ସାହିତ୍ୟିକ ଭାସ୍କର ବାରିକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଡିଜି ମହାନ୍ତି ଉଦଳା କ୍ଲବର ରୋଟାରିଆନ ସୁବାସ ପଣ୍ଡା, ପ୍ରେମଲତା ପଣ୍ଡା, ଅଶୋକ କୁମାର ମହାନ୍ତି, ପ୍ରହ୍ଲାଦ ଦାସ, ବ୍ରହ୍ମାନନ୍ଦ ନାୟକ, ଦୀପକ ଦାସ, ଅଜୟ ବେହେରା, ଡ଼. ପ୍ରଶାନ୍ତ ସେନ. ଦିଲ୍ଲୀପ ପାଟଯୋଶୀ, ଚିତ୍ତରଞ୍ଜନ ବାରିକ, ରଜତ ବିଶ୍ୱାଳ, ପ୍ରିୟଦର୍ଶିନୀ ମହାନ୍ତି, ମନୋଜ କମିଲା ପ୍ରମୁଖ ଆଗକୁ ଆହୁରି ବହୁ ନୂତନ ପଦକ୍ଷେପକ୍ଷ ନେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ରୋଟାରିଆନ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କଂସାବାସନ ବ୍ୟବସାୟୀଙ୍କ ପରଲୋକ



**ଆନନ୍ଦପୁର,୨୩।୩(ସମିସ):** ଆନନ୍ଦପୁରର ବିଶିଷ୍ଟ କଂସାବାସନ ବ୍ୟବସାୟୀ ତଥା କାଚରାସାହି ନିବାସୀ ଲକ୍ଷ୍ମୀଧର ପାତ୍ରଙ୍କର (୮୯) ଆଜି ପରଲୋକ ହୋଇଯାଇଛି। ସେ ଜଣେ ପୁରାତନ ବ୍ୟବସାୟୀ ହେଲେ ମଧ୍ୟ ଆଖପାଖ ଅଞ୍ଚଳବାସୀଙ୍କର ମୁରବୀ ଶ୍ରେଣୀୟ ବ୍ୟକ୍ତି ଥିଲେ। ସେ ବାର୍ଦ୍ଧକ୍ୟଜନୀତ ଅସୁସ୍ଥ ଯୋଗୁ ଆଜକୁ କିଛିଦିନ ହେବ ଘରେ ରହି ଚିକିତ୍ସିତ ହେଉଥିଲେ। ପ୍ରତିଦିନ ପରି ଆଜି ସକାଳୁ ତାଙ୍କର ସେବା ଓ ଚିକିତ୍ସା ଚାଲିଥିବା ବେଳେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବରପାଇ ଆନନ୍ଦପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାଚରା ସାହିସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ନାମଯଜ୍ଞରେ ଯୋଗ ଦେଲେ କେନ୍ଦୁଝର ରାଣୀ




**ଚମ୍ପୁଆ,୨୩।୩(ସମିସ):** ଚମ୍ପୁଆ ବ୍ଲକ ରଜିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ୨୮ତମ ୨୪ ପ୍ରହର ନାମଯଜ୍ଞରେ କେନ୍ଦୁଝରଗଡ ରାଜ ମାତା ସୁନନ୍ଦିନୀ ଭଞ୍ଜଦେଓ ଯୋଗ ଦେଇ ମୁଖ୍ୟ ପୁରଧା ଭାବେ କାର୍ଯ୍ୟ ସଂପାଦନ କରିଥିଲେ। ସୂଚନା ଅନୁସାରେ ରଜିଆ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣଠାରେ ୨୮ତମ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ନାମଯଜ୍ଞରେ ପ୍ରଥମ ଦିନ ଅଧିବାସ, ଦ୍ୱତୀୟ ଦିନ କଳସ ସଭାଯାତ୍ରା ଓ ଘଟ ସ୍ଥାପନ ସହ ନାମଯଜ୍ଞ ଆରମ୍ଭ କରାଯାଇଥିବା ବେଳେ ମଙ୍ଗଳବାର ଏହାର ପୂର୍ଣ୍ଣାହୁତି କାର୍ଯ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ ମାତାଙ୍କୁ ଭାବ୍ୟ ସ୍ୱାଗତ କରାଯିବା ସହିତ ଯଥା ରିତି ନିତି ଅନୁଯାୟୀ ସ୍ୱାଗତ କରାଯାଇଥିଲା। ରାଜ ମାତାଙ୍କ ଆଗମନ ପରେ ଗ୍ରାମର ମହିଳା ମାନେ ତାଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ।

## ଠିଆ ହୋଇଥିବା ଟ୍ରକ୍‌ରେ ଲାଗିଲା ନିଆଁ

**ଚମ୍ପୁଆ/ବାଲିବନ୍ଧ,୨୩।୩(ସମିସ):** ଜାତୀୟ ରାଜପଥ ୫୨୦ ରିମୁଳି ନିକଟସ୍ଥ ତଡୁଆବାହାଳ ଛକରେ ଠିଆ ହୋଇଥିବା ଏକ ଟ୍ରକରେ ଲାଗିଲା ନିଆଁ। ହୁତୁହୁତୁ ହୋଇ ଜଳଗିଲା ଟ୍ରକର କେବିନ୍। କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଗାଡ଼ିର ଡ୍ରାଇଭର। ମିଳିଥିବା ସୂଚନା ଅନୁସାରେ ରିମୁଳି ପଟୁ ଯୋଡା ଅଭିମୁଖେ ଯାଉଥିବା ଓଡି-୦୯-ପି-୧୦୫୦ ଚଉଦ ଚକିଆ ଟ୍ରକଟି ତଡୁଆବାହାଳ ଛକରେ ଠିଆ ହୋଇଥିଲା।



ହଠାତ୍ ଗାଡ଼ିରେ ନିଆଁ ଲାଗିଯିବାରୁ ଡ୍ରାଇଭର ଓହ୍ଲାଇ ପଡ଼ି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲା। ନିକଟରେ ଥିବା ଲୋକଙ୍କ ସାହାଯ୍ୟରେ ଡ୍ରାଇଭର ବିଲେଇପଦା ଓ ଚମ୍ପୁଆ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲେ ହେଁ ଟ୍ରକର କେବିନଟି ସଂପୂର୍ଣ୍ଣ ପୋଡି ଯାଇଥିବା ଜଣାପଡିଛି। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣା ପଡି ନଥିଲେ ମଧ୍ୟ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଇଛି। ଚମ୍ପୁଆ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାପଡିଛି।

## ଶାଳଣିଆଁ ଅଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ



**ସୋସୋ/ଆନନ୍ଦପୁର,୨୩।୩(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ଶାଳଣିଆଁ ଅଞ୍ଚଳରେ ପୁଲିସ ପକ୍ଷରୁ ଆଜି ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗଡୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ନନ୍ଦିପଦା ଥାନା ଇନ୍ସପେକ୍ଟର ରବିନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଶାଳଣିଆଁ, ଶାଳଣିଆଁ ବଜାର, ଏଲକଣିଆ, ଶାଳକଣିଆ, ବିଷ୍ଣୁପୁର, ସୋଲପଟା, ମନୋହରପୁର ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ସିଆର୍‌ପିଏଫ ଯବାନମାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରିଥିବା ଜଣାଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡରେ ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ଏପରି ବିଭିନ୍ନ ଅଞ୍ଚଳରେ ସିଆର୍‌ପିଏଫ ପକ୍ଷରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଥିବା ଉପଖଣ୍ଡ ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୁଲିସର ଏହି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟରେ ନନ୍ଦିପଦା ଥାନାର ଏସ୍‌ଆଇ ଅନୁପ କୁମାର କର, ଏଏସଆଇ ତ୍ରିଲୋଚନ ଦେହୁରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ୱାଟ୍‌କୋ ଜଳଯୋଗାଣ ପରିଚାଳନାରେ ବିଭ୍ରାଟ

# ପାଣି ପାଇଁ ସହରବାସୀ ହନ୍ତସନ୍ତ

**ଆନନ୍ଦପୁର,୨୩।୩(ସମିସ)**

ଆନନ୍ଦପୁରରେ ୱାଟ୍‌କୋର ଜଳଯୋଗାଣ ପରିଚାଳନା ବ୍ୟବସ୍ଥାରେ ଗୁରୁତର ବିଭ୍ରାଟ ହେଉଥିବା ଯୋଗୁ ସହରାଞ୍ଚଳ ଉପଭୋକ୍ତାମାନେ ନାହିଁ ନଥିବା ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ପୌରାଞ୍ଚଳକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଶୈଳଙ୍ଗ, ଖପରାଖାଇ, ସୁଡୁସୁଡିଆ, ଫକୀରପୁର, ଆନନ୍ଦପୁରଠାରେ ଥିବା ଓଭରହେଡେଡ୍ ଟ୍ୟାଙ୍କରୁ ଜଳଯୋଗାଣ ଚାଲିଥିବା ବେଳେ ଏହି ପମ୍ପ ଗୁଡିକରେ ଟାଇମିଂ ମିଟର ଲଗାଯାଇଛି। ହେଲେ ଅନେକ ସମୟରେ ଜଳ ଯୋଗାଣରେ ବିଭ୍ରାଟ ହେଉଥିବା ପରିଲକ୍ଷିତ ହୋଇଛି। ପୌରାଞ୍ଚଳର ବିଭିନ୍ନ ସାହିବସ୍ତିର ରାସ୍ତା ପାର୍ଶ୍ୱରେ ଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକରେ ଅନେକ ସମୟରେ ପାଣି ଆସୁନଥିବାରୁ ଉଠା ଦୋକାନୀ, ବଜାର ଓ ଛକ ମାନଙ୍କରେ ଥିବା ବ୍ୟବସାୟୀମାନେ ଅସୁବିଧା ଭୋଗ କରୁଛନ୍ତି। ଅନ୍ୟପକ୍ଷରେ ରାସ୍ତାରେ ଯାତାୟତ କରୁଥିବା ସାଧାରଣ ଲୋକେ ଓ ବାଟୋଇମାନେ



ପାଣି ଟୋପାଏ ପାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଡ୍ରିଙ୍କ ଫର ଓାଟର ଯୋଜନାରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ଆବଶକୀୟ ବ୍ୟବସ୍ଥା କରାଯାଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଅନେକ ସମୟରେ ଜଳ ଯୋଗାଣରେ ଅନିୟମିତତା ପରିଲକ୍ଷିତ ହୋଇଛି। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଜଳ ଯୋଗାଣ କରାଯିବାକୁ ୱାଟକୋ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ଆନନ୍ଦପୁର ସହରାଞ୍ଚଳ ୱାଟକୋ କାର୍ଯ୍ୟାଳୟର ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁ ଜଳ ଯୋଗାଣରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଆଜକୁ କିଛିଦିନ ହେବ ପାନୀୟ ଜଳ ସମସ୍ୟା ଲାଗିରହିଥିବା ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ଓାଟକୋ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ଜନସ୍ୱାସ୍ଥ୍ୟ ଜଳ ଯୋଗାଣ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

### ଆନନ୍ଦପୁରକୁ ଆସୁଛି ଶହେ ଟ୍ରିପ୍‌ରୁ ଅଧିକ ଲଘୁ ଖଣିଜ

## ପ୍ରଶାସନ ଜଳକା; କ୍ଷତି ସହୁଛନ୍ତି ରାଜ୍ୟ ସରକାର

**ଆନନ୍ଦପୁର,୨୩।୩(ସମିସ):** ଆନନ୍ଦପୁର ସମେତ ଉପଖଣ୍ଡର ବିଭିନ୍ନ ସ୍ଥାନକୁ ପ୍ରତିଦିନ ଶହେ ଟ୍ରିପ୍‌ରୁ ଉର୍ଦ୍ଧ୍ୱ ଲଘୁ ଖଣିଜ ଆସୁଥିଲେ ମଧ୍ୟ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ରାଜ୍ୟ ସରକାର ଟିକସ ବାବଦକୁ କ୍ଷତି ସହୁଥିବା ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଲଘୁ ଖଣିଜ ସୈରାତ ଥିଲେ ମଧ୍ୟ ପଡୋଶୀ ଯାଜପୁର ଜିଲ୍ଲାରୁ ପ୍ରତିଦିନ ହାଇୱା ଯୋଗେ ଚିପ୍ସ, ବଜୁରୀ,




ମେଣ୍ଟାଲ, ବୋଲ୍ଡର ଆସୁଛି। ଏହା ଏକ ବ୍ୟବସାୟିକ ସୂତ୍ରରେ ଆସୁଥିଲେ ମଧ୍ୟ ପ୍ରଶାସନିକ କଟକଣା ରହୁନଥିବା ଚିନ୍ତାର କାରଣ ହୋଇଛି। ଗୋଟିଏ ହାଇୱାରେ ପ୍ରାୟ ୨୫ ଟନ୍ ଓଜନର ଆସୁଥିବା ଲଘୁଖଣିଜ ଆନନ୍ଦପୁର ଅଞ୍ଚଳରେ ପ୍ରାୟ ୩୦ ହଜାର ଟଙ୍କାରେ ବିକ୍ରି ହେଉଛି। ସେ ବାବଦକୁ ସରକାରୀ ଟିକସ କେଉଁଠାରେ ବି କୌଣସି ବିଭାଗ ପକ୍ଷରୁ ଆଦାୟ କରାଯାଉନଥିବାରୁ ପ୍ରତିଦିନ ଲକ୍ଷାଧିକ ଟଙ୍କାର ରାଜସ୍ୱହାନୀ ହେଉଥିବା ଅନୁମାନ ହୋଇଛି। ଯାଜପୁର ଜିଲାର ଚଣ୍ଡିଖୋଲ, ଚଢେଇଧରା, ବାଘୁଆ, ବିଛାକାଣ୍ଡି ପ୍ରଭୃତି ଅଞ୍ଚଳରୁ ପ୍ରତଦିନ ସକାଳେ ବୈତରଣୀ ସେତୁ ରେ ଏହି ଲଘୁଖଣିଜ ଆସୁଥିବାରୁ ଦୁର୍ବଳ ହୋଇପଡିଥିବା ବୈତରଣୀ ସେତୁ ପ୍ରତି ବିପଦ ସୃଷ୍ଟି କରିଛି। ବୈତରଣୀ ସେତୁ ଦୁର୍ବଳ ହୋଇପଡିଥିବାରୁ ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲେ ମଧ୍ୟ ସ୍ପଷ୍ଟ ଦିବାଲୋକରେ ଏହି ଲଘୁ ଖଣିଜ ଭାରିଯାନ ବୈତରଣୀ ସେତୁରେ ଚଳାଚଳ କରୁଥିବା କାହା ଦୃଷ୍ଟିଗୋଚର ହେଉନଥିବା ପରିତାପର ବିଷୟ। ପ୍ରଶାସନ ଓ ପୋଲିସର କୋହଳ ମନୋଭାବ ଯୋଗୁ ନୀତି ପ୍ରତିଦିନ ବେଆଇନ ଭାବେ ଆସୁଥିବା ଏହି ଲଘୁ ଖଣିଜ କାରବାର ଅନାୟଶରେ ଚାଲିଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଦବୁଛି ପୋଲ ମୁହାଣ, ଭୁଶୁଡ଼ିବା ଆଶଙ୍କା



**ହାଟଡ଼ିହୀ,୨୩।୩(ସମିସ):** ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ହଦଗଡ଼ ଠାରୁ ବଉଳା ମାଇନ୍ସ ସହ ସଂଯୋଗୀକରଣ ନିମନ୍ତେ ନିକଟ ଅତୀତରେ ଏକ ପୋଲ ନିର୍ମାଣ ହୋଇଥିଲା। ଯାହାକି, ୮ରୁ ୧୦ଗୋଟି ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଲକ୍ଷ୍ୟ ରଖି ସରକାର କୋଟି କୋଟି ଟଙ୍କା ବ୍ୟୟବରାଦରେ ଏହି ପୋଲଟିକୁ ନିର୍ମାଣ କରାଇଥିଲେ। ଖୁବ୍ ଅଳ୍ପ ଦିନରେ ଏବେ ହଦଗଡ଼ ପାର୍ଶ୍ୱରୁ ପୋଲର ମୁହାଣ ଦବିବା ଆରମ୍ଭ ହୋଇଛି। ପୋଲ ମୁହାଣର ୨ପାର୍ଶ୍ୱରେ ପଥର ପେଚିଂ କାମ ନିମ୍ନମାନର ହୋଇଥିବାରୁ ସିମେଣ୍ଟରେ ନିର୍ମିତ ଅନେକ ସୁରକ୍ଷା ଖୁଣ୍ଟ ଉପୁଡ଼ି ପୋଲ ତଳେ ପଡ଼ିଥିଲା ବେଳେ ପଥର ପେଚିଂରୁ ଅନେକ ପଥର ବାହାରି ତଳେ ପଡ଼ିଥିବା ଦେଖାଯାଇଛି। ତେବେ ପଥର ପେଚିଂ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଏବେ ଏହା କ୍ରମଶଃ ଦବିବାରେ ଲାଗିଛି। ପଥଚାରୀ ଯେପରି ଉକ୍ତ ଦବିବା ସ୍ଥାନରେ ପଡ଼ି ଦୁର୍ଘଟଣାର ଶିକାର ନ ହୁଅନ୍ତୁ ସେଥିନିମନ୍ତେ ସ୍ଥାନୀୟ ଅଞ୍ଚଳର କିଛି ସହୃଦୟ ବ୍ୟକ୍ତି ପୋଲ ମୁହାଣର ଦବୁଥିବା ସ୍ଥାନରେ ଡାଳ ପୋତି ପଥଚାରୀଙ୍କ ଦୃଷ୍ଟିଗୋଚର କରାଉଛନ୍ତି। ଏଥିପ୍ରତି ବିଭାଗ ପକ୍ଷରୁ ତୁରନ୍ତ ଯତ୍ନବାନ୍ ନହେଲେ ଆଗାମୀ ଦିନରେ ପୋଲ ମୁହାଣରେ ବିରାଟ ଗର୍ତ୍ତରେ ପଡ଼ି ଧନଜୀବନ ନଷ୍ଟ ହେବାନେଇ ଆଶଙ୍କା ବୃଦ୍ଧି ପାଇଛି। ଏଥିପ୍ରତି ଆନନ୍ଦପୁର ଉପଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଆକର୍ଷଣ କରି ଏହାର ମରାମତି କରାଇବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହୋଇଛି।

## ଟୟଜ ବ୍ୟାଙ୍କ୍ ଯୋଜନା ମନୋନୟନରେ ଅନିୟମିତତା ଅଭିଯୋଗ

**ସୋସୋ,୨୩।୩(ସମିସ):** ହାଟଡିହି ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର କାନପୁର ଅଙ୍ଗନବାଡି ଟୟଜ ବ୍ୟାଙ୍କ ଓ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନାର ତଦାରଖ କରିବା ପାଇଁ ମହାସଙ୍ଘ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡକାଯାଇଥିଲା। ଏଥିରେ ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଠିକ୍ ଭାବେ କାର୍ଯ୍ୟ କରିଥିବ ସେଥିମଧ୍ୟରୁ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ମୋନୟନ କରାଯାଇ ନିଯୁକ୍ତି ଦିଆଯିବ। କିନ୍ତୁ ଏଥିରେ କାନପୁରର କାହ୍ନେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ୍ ଦିଆଯାଇଥିବାରୁ ଏହାକୁ ନେଇ ବ୍ଲକ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସନ୍ଧ୍ୟାରାଣୀ ରାଉତ, ସମ୍ପାଦିକା ଅନୁପମା ଶାଙ୍କ ଅଭିଯୋଗ ଅନୁଯାୟୀ ଆମର ସମସ୍ତ କାଗଜ ପତ୍ର ଠିକ୍ ଥିବା ବେଳେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ କରୁଅଛି। କିନ୍ତୁ ଇସି ମେମ୍ବରମାନଙ୍କ ମନମୁଖୀ କାର୍ଯ୍ୟପାଇଁ ଆମ୍ଭ ଗ୍ରୁପ୍‌କୁ ଏହି ନିଯୁକ୍ତି ପ୍ରକ୍ରିୟାରେ କେଉଁ କାରଣ ପାଇଁ ବାଦ୍ ଦେଇଛନ୍ତି ତାହାର ତଦନ୍ତ କରିବା ସହିତ ଉକ୍ତ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରିବାକୁ ଦାବୀ କରିଛନ୍ତି। ଏହାକୁ ନେଇ ଅଙ୍ଗନବାଡି ସୁପରଭାଇଜରଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିଲେ।

## ସରଧାପୁର ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ପାଟଣା/ତୁରୁମୁଙ୍ଗା,୨୩।୩(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ସରଧାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥି ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ବିଜୟ କୁମାର ଓଝା, ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରୀ ଧରଣୀଧର ଦାଶ, ପ୍ରଧାନ ଶିକ୍ଷକ ଯଦୁମଣି ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପରେ ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଦୁର୍ଯ୍ୟୋଧନ ପୂର୍ତ୍ତି, ପ୍ରଫୁଲ୍ଲ ମହାନ୍ତ, ଗିରିଧାରୀ ମହାନ୍ତ, ତ୍ରିନାଥ ମହାନ୍ତ, ଦୀନବନ୍ଧୁ ମହାନ୍ତ, ଲୋକନାଥ ମହାନ୍ତ, ବଳରାମ ମହାନ୍ତ, ଶିକ୍ଷୟତ୍ରୀ ପ୍ରତିପମା ନାଏକ, ସରିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହୋଯୋଗ କରିଥିଲେ।

## ବିଶ୍ୱ ଜଳ ଦିବସ ପାଳିତ



**ବାଲିବନ୍ଧ,୨୩।୩(ସମିସ):** ଝୁମ୍ପୁରା ବ୍ଲକ ବାଲିବନ୍ଧ ପଞ୍ଚାୟତ ଶିରିଆବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ରଜାବସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜଳ ସଂରକ୍ଷଣ ଓ ତାର ସଠିକ ବିନିଯୋଗ କରିବା ନିମନ୍ତେ ଅତିଥିଗଣ ବିଶ୍ୱ ଜଳଦିବସ ଅବସରରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜେଶ ମାଝୀ, ମୋ ସ୍କୁଲ ସଭାପତି ପ୍ରମୋଦ କୁମାର ରାଉତ, ପୂର୍ବତନ ସଭାପତି ମଧୁସୂଦନ ମୁଣ୍ଡା, ଶିକ୍ଷକ ମଧୁସୂଦନ ପ୍ରଧାନ, ଜୋନେଶ ଆପଟ୍ଟ, ଅଙ୍ଗନବାଡି କର୍ମୀ ଗୌରୀ ମାଝୀ, ଓାର୍ଡ ମେମ୍ବର ମୀନା ପ୍ରଧାନ, ଶିକ୍ଷାବିତ୍ କିଶୋର ପ୍ରଧାନ, ଟାଟା ମେଜିକ ବକ୍ସର ପ୍ରକାଶ ଦାସ, ମାନସ କୁମାର ପଣ୍ଡା, ଟାଟା ଆସ୍ଥାୟାରର ଉମାମଣୀ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଗଡ଼ବାନ୍ଧୋଗଡ଼ାକୁ ହରାଇ ବେଲବାହାଳି ଚାମ୍ପିଅନ୍

**ବେଲବାହାଳି,୨୩।୩(ସମିସ)**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଧଉଳି ପଡ଼ିଆଠାରେ ମା' କୁଣ୍ଡୁଳାଇ କ୍ରିକେଟ୍ କ୍ଲବ ପକ୍ଷରୁ ଦୁଇଦିନିଆ ରାତ୍ରୀକାଳୀନ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆଜି ଏହି ଉଦଯାପନୀ ମ୍ୟାଚ୍ ଉତ୍ସବରେ ମୁଖ୍ୟଅତିଥି ଭାବେ ବିକାଶ ଆରୋଗୀ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ବୈଲୋଚନ ସାହୁ ଯୋଗ ଦେଇ ଖେଳାଳିମାନଙ୍କ ସହ ହାତ ମିଳାଇବା ପରେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଆଜିର ଏହି ଫାଇନାଲ ମ୍ୟାଚ୍ ଅବସରରେ ଗଡବାନ୍ଧୋଗଡା ସହିତ ବେଲବାହାଳି ହୋଇଥିବା ବେଳେ ପ୍ରଥମେ ଗଡବାନ୍ଧୋଗଡ଼ା ଟସ୍ ଜିତି ବ୍ୟାଟିଂ




ଆରମ୍ଭ କରି ସର୍ବାଧିକ ୭ ଓଭରରେ ୬ୱିକେଟ ହରାଇ ୬୪ରନ୍ କରିଥିବା ବେଳେ ଜବାବ୍‌ରେ ବେଲବାହାଳି ୩ ଓଭର ୫ ଗୋଟି ବଲରେ ୪ଟି ୱିକେଟ ହରାଇ ୬୫ ରନ୍ କରି ବିଜୟ ହାସଲ କରିଥିଲା। ଖେଳକୁ ଅରବିନ୍ଦ ରାଉତ, ଅଭିନାସ ସାହୁ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡ ଦାୟିତ୍ୱରେ ଜଗଦାନନ୍ଦ ସାହୁ, କୈଳାସ ସାହୁ ନିର୍ବାହ କରିଥିଲେ। ବିଜୟ ଦଳକୁ ଟ୍ରଫି ସହ ଅର୍ଥ ରାଶି ପୁରସ୍କୃତ କରାଯାଇଥିଲା। ମ୍ୟାଚରେ ବହୁ ସଂଖ୍ୟକ ଦର୍ଶକଙ୍କ ଆକଳନକୁ ପରିଲକ୍ଷିତ କରି କମିଟି ପକ୍ଷରୁ ସମସ୍ତ ଶାନ୍ତିଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଏହି ଖେଳକୁ ସୁରେଶ ପୁଷ୍ଟି, ଅବକାଶ ସାହୁ, ଜଗନ ସାହୁ, ସୁନିଲ ସାହୁ, ଅଜିତ ନାୟକ, ଅଭିମନ୍ୟୁ ମାଝୀ, ଅଭି ସାହୁ, ନିଗମାନନ୍ଦ ଜେନା, ଗଣେଶ ପୁଷ୍ଟି, ଝାଡେଶ୍ୱର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବେଲବାହାଳିରେ ଏଭଳି ଏକ ରାଜ୍ୟସ୍ତରୀୟ ମ୍ୟାଚ୍ ହେଉଥିବା ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ତରିମୁଳରେ ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର,୨୩।୩(ସମିସ):** ସ୍ଥାନୀୟ ତରିମୁଳ ଗ୍ରାମରେ ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ମିନି ଷ୍ଟାଡିୟମଠାରେ ରାତ୍ରୀକାଳୀନ କ୍ରିକେଟ ମହୋତ୍ସବ ଉଦଘାଟିତ ହୋଇଯାଇଛି। ତିନିଦିବସୀୟ ରାତ୍ରୀକାଳୀନ ଚତୁର୍ଥ ବାର୍ଷିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଯୋଗ ଦେଇଛନ୍ତି। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ



ବଦ୍ରିନାରାୟଣ ପାତ୍ର, ସମ୍ମାନୀତ ଅତିଥି ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ରବିବାରରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମୋଟ ୧୬ଟି ଦଳକୁ ନେଇ ଟି-୨୦ ଫର୍ମାଟ୍‌ରେ ଫ୍ଲଡ ଲାଇଟରେ ଏହି ଖେଳ ଅନୁଷ୍ଠିତ ହେଉଛି। ମ୍ୟାଚ ପରିଚାଳନାରେ ଅମ୍ପାୟାର ସୁରେଶ ଭୂୟାଁ, ଅନିଲ ସେଠୀ ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ମା'ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ସମସ୍ତ ସଦସ୍ୟ ପରିଚାଳନା ରେ ସହଯୋଗ କରିଥିଲେ।

